# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 14 July – 2025

*********************************

## ମୁଖ୍ୟ ସମ୍ବାଦ

- ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ଆଜି ଅପରାହ୍ନରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଁଞ୍ଚିବେ ରାଷ୍ଟ୍ରପତି

– ସନ୍ଧ୍ୟାରେ ଏମ୍ସର ପଞ୍ଚମ ସମାବର୍ତ୍ତନ ସମାରୋହକୁ କରିବେ ଉଦ୍‌ଘାଟନ

- ରାଜ୍ୟର ବାକି ପଡ଼ିଥିବା ସବ୍‌ଡିଭିଜନଗୁଡ଼ିକରେ ଖୁବ୍‌ଶୀଘ୍ର କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରାଯିବ; କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

- ଚିକିତ୍ସାଧୀନ ଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି; ଭୁବନେଶ୍ୱର ଏମ୍ସର ଅଧୀକ୍ଷକଙ୍କ ସୂଚନା

ଏବଂ

- ବାର୍ଡ ଫ୍ଲୁ ପ୍ରଭାବିତ ଡେଲାଙ୍ଗ ବ୍ଲକରେ ଆଜି ସ୍ଥିତି ସମୀକ୍ଷା କରିବ ଜନସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଦଳ

# ରାଷ୍ଟ୍ରପତି-ଏମ୍ସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଦୁଇଦିନିଆ ଓଡିଶା ଗସ୍ତରେ ଆସି ଅପରାହ୍ଣରେ ଭୁବନେଶ୍ୱରରେ ପହଞ୍ଚିବେ । ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ଭୁବନେଶ୍ୱର ଏବଂ କଟକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ରାଷ୍ଟ୍ରପତି ଆଜି ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ-ଏମ୍ସର ପଞ୍ଚମ ସମାବର୍ତ୍ତନ ସମାରୋହରେ ଯୋଗଦେବେ। ରାଷ୍ଟ୍ରପତି ମୁର୍ମୁ ଚଳିତବର୍ଷ ୬୪୩ ଜଣ ସ୍ୱାସ୍ଥ୍ୟସେବା ବୃତ୍ତିଧାରୀଙ୍କୁ ଡିଗ୍ରୀ ପ୍ରଦାନ କରିବେ। ଏହାସହ ୩୧ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବରିଷ୍ଠ ନେତୃମଣ୍ଡଳୀ ଉପସ୍ଥିତ ରହିବେ ବୋଲି ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଆଶୁତୋଷ ବିଶ୍ୱାସ ସୂଚନା ଦେଇଛନ୍ତି ।

ଆସନ୍ତାକାଲି ପୂର୍ବାହ୍ନରେ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଅତିଥି ଭାବରେ ଯୋଗଦାନ କରିବା ସହ ରାଷ୍ଟ୍ରପତି ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟର ୩ଟି ଅଟ୍ଟାଳିକାର ପୁର୍ନବିକାଶ ପ୍ରକଳ୍ପର ଶିଳାନ୍ୟାସ କରିବେ। ଏହାପରେ

ଆଦିକବି ସାରଳା ଦାସଙ୍କ ଜନ୍ମବାର୍ଷିକୀ ସମାରୋହରେ ଯୋଗଦେବା ସହ କଳିଙ୍ଗ ରତ୍ନ ପୁରସ୍କାର-୨୦୨୪ ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି କଟକ ଏବଂ ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

***HS***

## କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟକ୍ଷମ

ଚଳିତ ବର୍ଷ ରାଜ୍ୟରେ ଏକକାଳୀନ ୮ଟି କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଖୋର୍ଦ୍ଧା ଆଇ.ଟି.ବି.ପି. ପରିସରରେ କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ କୋଠାକୁ ଉଦ୍‌ଘାଟନ ଏବଂ ସ୍ଥାୟୀ କ୍ୟାମ୍ପସର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି, ରାଜ୍ୟରେ ଏବେ ମୋଟ ୭୫ଟି କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି । ସବୁ ସବ୍‌ଡିଭିଜନରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବାର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ୪୫ଟି ସବ୍‌ଡିଭିଜନରେ କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇସାରିଛି । ଅନ୍ୟ ସବ୍‌ଡିଭିଜନ୍‌ଗୁଡ଼ିକରେ ଖୁବ୍‌ଶୀଘ୍ର କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ୨୦୪୭ ବିକଶିତ ଭାରତ ଏବଂ ୨୦୩୬ ସମୃଦ୍ଧ ଓଡ଼ିଶା ସ୍ୱପ୍ନକୁ ସାକାର କରିବାରେ ଜାତୀୟ ଶିକ୍ଷାନୀତି ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

**- V/O -**

ଏହି ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଆଇ.ଟି.ବି.ପି. ପରିସରସ୍ଥିତ ସହିଦ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

***HS***

## ଏମ୍ସ

ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଥିବା ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି ବୋଲି ଏମ୍ସର ଅଧୀକ୍ଷକ ଦିଲ୍ଲୀପ କୁମାର ପରିଡ଼ା କହିଛନ୍ତି। ସ୍ୱତନ୍ତ୍ର ଡାକ୍ତରୀ ଦଳ ୨୪ ଘଣ୍ଟିଆ ଛାତ୍ରୀଙ୍କର ଚିକିତ୍ସାରେ ନିୟୋଜିତ ଅଛନ୍ତି। ଦିଲ୍ଲୀ ଏମ୍ସ ସହ ନିରନ୍ତର ଯୋଗାଯୋଗ ରକ୍ଷା କରାଯାଇ ଆବଶ୍ୟକ ଚିକିତ୍ସା ପ୍ରଦାନ କରାଯାଉଛି ବୋଲି ଅଧୀକ୍ଷକ ଶ୍ରୀ ପରିଡ଼ା କହିଛନ୍ତି।

**- V/O –**

***Desk***

## ବାର୍ଡ ଫ୍ଲୁ

ବାର୍ଡ ଫ୍ଲୁ ପ୍ରଭାବିତ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକରେ ଆଜି ଜନସ୍ୱାସ୍ଥ୍ୟ ବିଭାଗର ଏକ ଦଳ ପହଁଞ୍ଚି ସ୍ଥିତିର ସମୀକ୍ଷା କରିବେ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ବାର୍ଡ ଫ୍ଲୁ ରିପୋର୍ଟ ମିଳିବା ପୂର୍ବରୁ କୁକୁଡ଼ାଙ୍କ ମୃତ୍ୟୁ ଖବର ହସ୍ତଗତ ହୋଇଥିଲା। ଏଥିପାଇଁ ବିଭାଗୀୟ ଅଧିକାରୀଙ୍କୁ ସତର୍କ ରହିବାକୁ ପରାମର୍ଶ

ଦିଆଯାଇଥିଲା। ପ୍ରଭାବିତ ଅଞ୍ଚଳର କୁକୁଡ଼ା ଫାର୍ମରେ କାମ କରୁଥିବା କର୍ମଚାରୀଙ୍କୁ ପ୍ରତିଷେଧକ ଡୋଜ୍ ସହ ପିପିଟି କିଟ୍ସ ପ୍ରଦାନ କରାଯାଇଥିଲା ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ମିଶ୍ର କହିଛନ୍ତି। ଥଣ୍ଡା, କାଶ ଦେଖାଦେଲେ ସ୍ୱାବ୍ ନମୁନା ପରୀକ୍ଷା କରାଇବାକୁ ଜନସାଧାରଣଙ୍କୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଡେଲାଙ୍ଗ ଓ ପିପିଲିର କୁକୁଡ଼ା ଫାର୍ମଗୁଡ଼ିକରୁ କାରବାର ବନ୍ଦ ରଖାଯାଇଛି। ପଶୁ ସମ୍ପଦ ବିଭାଗ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ କୁକୁଡ଼ା ନଷ୍ଟ ପ୍ରକ୍ରିୟା ଜାରି ରହିଛି ବୋଲି ଜନସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି।

***Koraput***

## ଏମ୍ଏସ୍ଏମ୍ଇ–ଯୋଜନା

ରାଜ୍ୟର ତଫସିଲଭୁକ୍ତ ଜାତି ଏବଂ ତଫସିଲଭୁକ୍ତ ଉପଜାତି ବର୍ଗର ଉଦ୍ୟୋଗୀଙ୍କୁ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିବା ଲକ୍ଷ୍ୟ ନେଇ କୋରାପୁଟଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଏମ୍.ଏସ୍.ଏମ୍.ଇ. ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ରାଜ୍ୟ ଏସ୍.ସି/ଏସ୍.ଟି. ତଥା ପଛୁଆବର୍ଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ବଳଭଦ୍ର ମାଝୀ, ସୁକାନ୍ତ କୁମାର ପାଣିଗ୍ରାହୀ ତଥା କେନ୍ଦ୍ର ଓ ରାଜ୍ୟର ଉଚ୍ଚ ପଦାଧିକାରୀ ଏଥିରେ ଯୋଗଦେଇ ଉଦ୍ୟୋଗୀଙ୍କୁ ଯୋଜନାଗୁଡ଼ିକ ସମ୍ପର୍କରେ ଅବଗତ କରାଇଥିଲେ।

*Ganjam*

## ଷ୍ଟାଣ୍ଡିଂ କମିଟି ଗଞ୍ଜାମ ଗସ୍ତ

ରାଜ୍ୟ ବିଧାନସଭାର ଷ୍ଟାଣ୍ଡିଂ କମିଟି ତିନିଦିନିଆ ଗଞ୍ଜାମ ଗସ୍ତରେ ଯାଇଛନ୍ତି। ପ୍ରଥମ ଦିନରେ ଆଜି ଖଲ୍ଲିକୋଟ ଆଭାସ ବିଦ୍ୟାଳୟରେ ପହଁଞ୍ଚି ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ଯାଞ୍ଚ କରିବା ସହ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଖଲ୍ଲିକୋଟସ୍ଥିତ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକଙ୍କ ସହ ମତବିନିମୟ କରିଛନ୍ତି। ଖେଳପଡ଼ିଆ ସହ ଅନ୍ୟାନ୍ୟ ଆବଶ୍ୟକତାକୁ ଖୁବ୍‌ଶୀଘ୍ର ପୂରଣ କରାଯିବ ବୋଲି କମିଟିର ସଦସ୍ୟମାନେ ପ୍ରତିଶ୍ରୁତି ଦେଇଛନ୍ତି। ଖଲ୍ଲିକୋଟ ବ୍ଲକସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳକୁ ମଧ୍ୟ କମିଟି ପରିଦର୍ଶନ କରିଛନ୍ତି।

*Desk*

## ଜଳାଭିଷେକ

ଶ୍ରାବଣ ମାସ ପ୍ରଥମ ସୋମବାର ଅବସରରେ ଶୈବପୀଠ ଗୁଡ଼ିକରେ ଆଜି ଶ୍ରଦ୍ଧାଳୁଙ୍କର ଭିଡ଼ ପରିଲକ୍ଷିତ ହୋଇଛି। ନୟାଗଡ଼ ଜିଲ୍ଲା ଶରଣକୂଳରେ ଲଡୁବାବାଙ୍କ ପୀଠରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କାଉଡ଼ିଆ ଜଳାଭିଷେକ କରିଥିଲେ।

ନୂଆପଡ଼ା ଜିଲ୍ଲାର ଶିବାଳୟଗୁଡ଼ିକରେ ବୋଲ୍‌ବମ୍ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି। ପୁରୀ ବ୍ରହ୍ମଗିରିର ଲୋକନାଥ ପୀଠ, ଭୁବନେଶ୍ୱରର ଲିଙ୍ଗରାଜ ପୀଠ, ଢେଙ୍କାନାଳର କପିଳାସ ପୀଠ, କଟକର ବାବା ଧବଳେଶ୍ୱରଙ୍କ ପୀଠ, ଭଦ୍ରକର ବାବା ଆଖଣ୍ଡଳମଣୀ, ବାଲେଶ୍ୱରର ବାବା

ପଞ୍ଚମହାଲିଙ୍ଗେଶ୍ୱର, କୋରାପୁଟ ଜୟପୁରର ଗୁପ୍ତେଶ୍ୱର ଆଦି ପୀଠଗୁଡ଼ିକରେ ଆଜି ସକାଳୁ ଜଳାଭିଷେକ ଉଦ୍ଦେଶ୍ୟରେ ବହୁ କାଉଡ଼ିଆଙ୍କର ସମାଗମ ଦେଖିବାକୁ ମିଳିଥିଲା ।

*Nuapada*

## ଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଜି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାର ଖବର ଆମର ହସ୍ତଗତ ହେବାର ଲାଗିଛି । ନୂଆପଡ଼ା ଜିଲ୍ଲା କୋମନା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ପଞ୍ଜୀକୃତ ଅଭିଯୋଗଗୁଡ଼ିକ ମଧ୍ୟରୁ କେତୋଟିର ତ୍ୱରିତ ସମାଧାନ ହୋଇଥିବା ବେଳେ ଅନ୍ୟଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ପରବର୍ତ୍ତୀ ପଦକ୍ଷେପ ପାଇଁ ପଠାଇ ଦିଆଯାଇଛି ।

*MET*

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇଛି । ଉତ୍ତର ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ

କେନ୍ଦ୍ର ଅନୁମାନ କରିଛି। ସମୁଦ୍ର ଅଶାନ୍ତ ରହୁଥିବାରୁ ଏହି ସମୟ ମଧ୍ୟରେ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

ହୀରାକୁଦ ଜଳଭଣ୍ଡାରର ମଧ୍ୟାହ୍ନ ୧୨ଟା ସୁଦ୍ଧା ଜଳସ୍ତର ୬୦୬ ଫୁଟ ରହିଥିଲା।

*********************************